# ପିଲାଙ୍କ ଧରିତ୍ରୀ

ଶନିବାର, ୨୮ ମାର୍ଚ୍ଚ, ୨୦୨୦



# ମତାମତ

‘କୁକୁହ କଳସ’ ଗପଟି ପଢ଼ିବାକୁ ଭଲ ଲାଗିଲା
–ପ୍ରଦୀପ ଦାସ,ରାଉରକେଲା

ଏଥର ‘ଗିନିଜ୍ ୱାର୍ଲ୍ଡ ରେକର୍ଡ’ ସ୍ତମ୍ଭରେ ପ୍ରକାଶିତ ‘ସବୁଠାରୁ ଉଚ୍ଚା ଟୋପି’ ପଢ଼ି ନୂଆ କଥା ଜାଣିବାକୁ ମିଳିଲା।
–ଜୟନ୍ତ ସାହୁ, ପାରାଦୀପ, ଜଗତ୍‌ସିଂହପୁର

–‘ବିଚିତ୍ର ବୈଜ୍ଞାନିକ’ ସ୍ତମ୍ଭରେ ପ୍ରକାଶିତ ‘ସବୁକଥାର ଗୁରୁତ୍ୱ ସମାନ’ ବିଷୟଟି ପ୍ରକୃତରେ ଶିକ୍ଷଣୀୟ ହୋଇଛି। –ଅନନ୍ୟା ନାୟକ, ପୁରୀ

–‘କହିଲ ଦେଖି’ ସ୍ତମ୍ଭରେ ପ୍ରକାଶିତ ବିଷୟଗୁଡିକ କେବଳ ମଜାଦାର ନୁହେଁ ଶିକ୍ଷଣୀୟ ମଧ୍ୟ।
–ତନ୍ମୟ ରାଉତ, ବ୍ରହ୍ମପୁର

ଏହି ପୃଷ୍ଠାରେ ନିୟମିତ ପ୍ରକାଶ ପାଉଥିବା ହସକଥା ପଢ଼ିବାକୁ ମଜା ଲାଗୁଛି।
–ଅନିନ୍ଦିତା ପଟ୍ଟନାୟକ,ନୟାଗଡ

# ସୋନା, ଆମ ସୁନା ଝିଅ



## ଗପ

ସ୍କୁଲ ବସ୍‌ରୁ ଓହ୍ଲାଇଲା ବେଳକୁ ସୋନାର ମୁହଁ ଥମ୍‌ଥମ୍ ଦିଶୁଥାଏ। ଏଇ ସଙ୍ଗେ ସଙ୍ଗେ ଯେମିତି କାନ୍ଦି ପକାଇବ ଠିକ୍ ସେମିତି ଲାଗୁଥାଏ। ଜେଜେଙ୍କ ହାତ ଧରି ତଳକୁ ମୁହଁ ପୋତି ଘରକୁ ଫେରୁଥାଏ ସୋନା। ଏଇ କିଛିଦିନ ହେଲା ସେ ଏକ ଛୋଟ ସହରରୁ ଆସି ରାଜଧାନୀର ଏକ ନାଁ କରା ସ୍କୁଲରେ ନାମ ଲେଖାଇଛି। ସେଇଦିନଠାରୁ ନିତି ତା’ର କିଛି ନା କିଛି ଅଭିଯୋଗ ଜେଜେଙ୍କ କାନରେ ପଡୁଛି। କେବେ ସ୍କୁଲ ବିଷୟରେ ତ ଆଉ କେବେ ସାଙ୍ଗସାଥୀଙ୍କ ନାମରେ। ଆଜି ତା’ର ଓଡ଼ିଆ ପରୀକ୍ଷା ଥିଲା। ମାତୃଭାଷା ପ୍ରତି ତା’ର ଭାରି ଭଲ ପାଇବା। ବେଶ୍ ଭଲଭାବେ ସେ ପ୍ରସ୍ତୁତ ହୋଇ ଯାଇଥିଲା। କିନ୍ତୁ ପରୀକ୍ଷାରେ ବୋଧହୁଏ ଭଲ ହୋଇନାହିଁ। ସେଇଥିପାଇଁ ମୁହଁଟାକୁ ଏପରି ଫୁଲେଇଛି। ଅଧିକ କିଛି ପଚାରିଲେ କାଳେ ଏଇ ରାସ୍ତାରେ ସେ କାନ୍ଦି ପକାଇବ ଭାବି, ଜେଜେ ତାକୁ ଆଉ କିଛି ପଚାରିଲେ ନାହିଁ।

ସେ ଆରମ୍ଭ କଲା– ଜାଣିଲ ଜେଜେ, ଆଜି ଓଡ଼ିଆ ପରୀକ୍ଷାରେ ଆମ ଗୁରୁମା ଆମକୁ ପ୍ରଶ୍ନଖାତା ନ ଦେଇ କେବଳ ଉତ୍ତରଖାତା ଦେଇ କହିଲେ, ‘‘ଯାହାକୁ ଯାହା ଆସୁଛି ଲେଖ। ମୁଁ ଗୁରୁମାଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶ୍ନ ଖାତା ଦିଅନ୍ତୁ ବୋଲି କହିବାରୁ ସେ ମୋତେ ରାଗିଲେ ଆଉ ‘ବେଶି ପାଠୁଆ ଦେଖେଇ ହନା’ କହି ଗାଳିଦେଲେ। ଜାଣିଲ ଜେଜେ, ୟା ଆଗରୁ ମୁଁ ଯେଉଁ ସ୍କୁଲରେ ପଢୁଥିଲି, ସେଠି ଷଷ୍ଠଶ୍ରେଣୀରେ ବି ଆମେ ପାଠର ପ୍ରଶ୍ନ ଉତ୍ତର, କଠିନ ଶବ୍ଦର ଅର୍ଥ, ବିପରୀତ ଶବ୍ଦ ଓ ସରଳାର୍ଥ ଆଦି ଲେଖୁଥିଲୁ। କିନ୍ତୁ ଏଠାରେ ବଡ଼ ସ୍କୁଲରେ ସବୁ ବିଷୟ ଇଂରାଜୀରେ ପଢ଼ା ହେଉଛି ଏବଂ ମାତୃଭାଷା ହେଉଛି ଗୋଟିଏ ବିଷୟ ଯାହା ଓଡ଼ିଆ, ତାକୁ ବି ଠିକ୍‌ରେ ପଢ଼ାଉ ନାହାନ୍ତି।’’

ପରଦିନ ଥିଲା ରବିବାର। ସୋମବାର ଦିନ ସ୍କୁଲରେ, ପ୍ରାର୍ଥନା ସଭା ପରେ ମୁଖ୍ୟ ଖବର ପଢ଼ି ଶୁଣାଇବାର ଦାୟିତ୍ୱ ଥିଲା ସୋନାର। ସୋନା ଖବର ପଢ଼ିସାରି ବେଶ୍ ଦୃଢ଼ କଣ୍ଠରେ ଆରମ୍ଭ କଲା–‘‘ପୂଜ୍ୟ ଶିକ୍ଷକ, ଶିକ୍ଷୟିତ୍ରୀଗଣ ତଥା ମୋର ଭାଇ ଭଉଣୀମାନେ ! ଆଜି ମଞ୍ଚ ଉପରେ ମୁଁ ଓଡ଼ିଆ କହୁଥିବାର ଶୁଣି ଆପଣମାନେ ଆଶ୍ଚର୍ଯ୍ୟ ହୋଇଯାଉଥିବେ। କିନ୍ତୁ ମୁଁ ଏଠାରେ କହିବାକୁ ଚାହେଁ ଯେ, ଓଡ଼ିଆ ମୋର ମାତୃଭାଷା, ଏହା କହିବାକୁ, ଲେଖିବାକୁ ଓ ପଢ଼ିବାକୁ ଥିବା ମୋର ଅଧିକାରରୁ ମତେ କେହି ବଞ୍ଚିତ କରିପାରିବେ ନାହିଁ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ, ବାସୁଦେବ ସୁଢ଼ଳଦେବ, ଗଙ୍ଗାଧର ମେହେର ଓ ରାଧାନାଥ ରାୟ ପ୍ରମୁଖଙ୍କ ପ୍ରଚେଷ୍ଟାରେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ହେଲା ଏପ୍ରିଲ ୧ ତାରିଖ ୧୯୩୬ ମସିହାରେ। ଦିନେ ଯେଉଁ ଭାଷା ‘ସ୍ୱତନ୍ତ୍ର’ ନୁହେଁ ବୋଲି ଅପବାଦ ମୁଣ୍ଡାଇଥିଲା, ତାହା ଆଜି ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇ ସାରିଲାଣି। ଆଶା କରୁଛି ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମୋ ସହ ଏକମତ ହେବେ। ଯଦି କିଛି ଭୁଲ୍ କରିଥାଏ ମତେ କ୍ଷମା କରିବେ।’’ ଏହା କହି ହାତଯୋଡ଼ି ନମସ୍କାରକରି ସୋନା ମଞ୍ଚ ତଳକୁ ଓହ୍ଲାଇ ଆସିଲା। ସମସ୍ତଙ୍କୁ ଆଶ୍ଚର୍ଯ୍ୟକରି ପ୍ରଥମେ ପ୍ରଧାନ ଶିକ୍ଷୟିତ୍ରୀ କରତାଳି ଦେଲେ। ତାଙ୍କ ସହ ଯୋଗଦେଲେ ଅନ୍ୟମାନେ। କରତାଳିରେ ପ୍ରାର୍ଥନା ସଭା ଉଚ୍ଛୁଳି ଉଠିଲା। ପ୍ରଧାନ ଶିକ୍ଷୟିତ୍ରୀ ଘୋଷଣା କଲେ ଯେ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ସ୍କୁଲରେ ନିଯୁକ୍ତ ହେବେ। ଓଡ଼ିଆ ବିଷୟକୁ ବିଶେଷ ଭାବେ ଗୁରୁତ୍ୱ ଦେଇ ପିଲାଙ୍କୁ ପାଠ ପଢ଼ାଯିବ।

**–ଛନ୍ଦା ମିଶ୍ର**
ବିଜେବି ନଗର, ଭୁବନେଶ୍ୱର,
ମୋ: ୯୪୩୭୪୫୩୬୧୦

# ଖିଲିଖିଲି ହସ

ଚମନ: ଡାକ୍ତରବାବୁ, ମୋର କ’ଣ ରୋଗ ହୋଇଛି ତା’ ଚିହ୍ନଟ କରିପାରିବେ ?
ଡାକ୍ତର: ହଁ,ତୁମର ଆଖି ବହୁତ ଖରାପ ହୋଇଗଲାଣି।
ଚମନ: ଏତେ ଜଲ୍‌ଦି କେମିତି ଜାଣିପାରିଲେ।
ଡାକ୍ତର: ତୁମେ ବାହାର ବୋର୍ଡ ଉପରେ ଦେଖିଲନି କି ମୁଁ ଜଣେ ପ୍ରାଣୀ ଚିକିତ୍ସକ।

ଥରେ ଚିନ୍ନୁର କ୍ଲାସ୍‌ରେ ନୂଆ ହିନ୍ଦୀ ଶିକ୍ଷକ ଜଏନ୍ କଲେ।
ଟିଚର: ଚିନ୍ନୁ, ତୁମର ରଚନା ‘ମେରା ପ୍ୟାରା ଡଗି’ ମିନୁ ରଚନା ପରି ହୋଇଛି।।
ଚିନ୍ନୁ: ସାର୍, କାହିଁକି ନା ମିନୁ ହେଉଛି ମୋ ଜାଆଁଳା ଭଉଣୀ। ଆଉ ଆମ ଘରେ ଗୋଟିଏ ଡଗି ଅଛି।

(ଅଞ୍ଜୁ ଓ ମଞ୍ଜୁଙ୍କ ମଧ୍ୟରେ କଥାବାର୍ତ୍ତା)
ଅଞ୍ଜୁ: ମଞ୍ଜୁ,ମୁଁ ତୋତେ ତିନୋଟି ପ୍ରଶ୍ନ ପଚାରିବି ଯାହାର ଉତ୍ତର ଗୋଟିଏ ହେବ।
ମଞ୍ଜୁ: ଠିକ୍ ଅଛି।
ଅଞ୍ଜୁ: କ୍ଷୀର କାହିଁକି ଉତୁରିଯାଏ, ପାଣି କାହିଁକି ବୋହିଯାଏ, ତରକାରି କାହିଁକି ପୋଡ଼ିଯାଏ ?
ମଞ୍ଜୁ: (କିଛି ସମୟ ଭାବିଲା ପରେ) କାମ କରିବା ସମୟରେ ମୋବାଇଲ ବ୍ୟବହାର ଯୋଗୁ ଏମିତି ହୋଇଥାଏ।

## ବିନ୍ଦୁ ଯୋଡ଼



## ଚଗଲା ଭୀମୁ




# ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡ଼ିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଉଇ



ଅପରିବର୍ତ୍ତିତ ଭାବେ ପୃଥିବୀ ପୃଷ୍ଠରେ କୋଡ଼ିଏ କୋଟି ବର୍ଷରୁ ଅଧିକ ସମୟ ଧରି ତିଷ୍ଠି ରହିପାରିଥିବା ଏକ କୀଟ ହେଉଛି ଉଇ । ପ୍ଲେଗ, ଅକାଳ, ଯୁଦ୍ଧ–ବିଭୀଷିକା କେହି ତା'ର କ୍ଷତି କରିପାରନ୍ତି ନାହିଁ । ଉଇମାନେ ଚାରିଆଡ଼କୁ ବ୍ୟାପିପାରନ୍ତି ବେଶ୍ ସହଜରେ ଏବଂ ନିଜ ପାଇଁ ଖାଦ୍ୟ ଅକ୍ଲେଶରେ ତଥା ଯେ କୌଣସି ପରିସ୍ଥିତିରେ ଯୋଗାଡ଼ କରିପାରନ୍ତି । ଉଇମାନେ ଉପନିବେଶ ବାନ୍ଧି ରହନ୍ତି ଏକତ୍ର । ପନ୍ଦରରୁ କୋଡ଼ିଏ ଫୁଟ୍ ପର୍ଯ୍ୟନ୍ତ ହୁଙ୍କା ଗଢ଼ି ବାସକରନ୍ତି ଏବଂ ଆଖ–ପାଖର ଖାଦ୍ୟ ସରିଗଲେ ଅନ୍ୟତ୍ର ଚାଲିଯାଆନ୍ତି । ଉଇ ହୁଙ୍କାରେ ସବୁ ଉଇ ସମାନ କାମ କରନ୍ତି ନାହିଁ । କେତେକ ହୁଙ୍କା ତିଆରି କରନ୍ତି ତ କେତେକ ହୁଙ୍କାକୁ ଜଗନ୍ତି, ପୁଣି କେତେକ ଖାଦ୍ୟ ସଂଗ୍ରହ କରନ୍ତି । ସେମାନଙ୍କ ଭିତରେ ଭଲ ବୁଝାମଣା ଥାଏ । ଉଇଙ୍କ ଧ୍ୱଂସଲୀଳା ସମ୍ପର୍କରେ କେତୋଟି କଥା...

–ଡ.ଅରୁନ୍ଧତୀ ଦେବୀ

- ଅଷ୍ଟ୍ରେଲିଆରେ ଥରେ ଉଇମାନେ ଗୋଟିଏ ଗୋଦାମରେ ଗଚ୍ଛିତ ଥିବା ପନ୍ଦର ଶହ ଗ୍ୟାଲନ୍ ବିୟର ପିଇଯାଇଥିଲେ । ଏକ ହୋଟେଲ୍‌ର ଭୂଇଁତଳେ ଗୋଦାମଟି ଥିଲା । ଗୋଦାମଟିକୁ ଛାରଖାର କରିବା ପରେ ସେମାନେ ଉପରକୁ ମାଡ଼ିଚାଲି ବିଲିଆର୍ଡ ଖେଳାଯାଉଥିବା କୋଠରିକୁ ଲଣ୍ଡ–ଭଣ୍ଡ କଲାବେଳକୁ ଯାଇ ଘଟଣା ଜଣାପଡ଼ିଥିଲା ।
- ଫ୍ଲୋରେନ୍‌ସର ପିଟି ପ୍ୟାଲେସ୍ କଳା ସଂଗ୍ରହାଳୟକୁ ଉଇଙ୍କ କବଳରୁ ରକ୍ଷା କରିବାରେ ବାର୍ଷିକ ବ୍ୟୟ କରାଯାଇଥାଏ ଏକ କୋଟି ଟଙ୍କା ।
- ଶ୍ରୀଲଙ୍କାରେ ଥରେ ଉଇମାନେ ଗୋଟିଏ ଜେଲଖାନା ପ୍ରାଚୀରକୁ ଏଭଳି ଭାବେ ଭିତରୁ ପୋଲା କରିଦେଇଥିଲେ ଯେ, ସେହି ସୁଯୋଗରେ କିଛି ବନ୍ଦୀ ଫେରାର ହୋଇଯାଇଥିଲେ ।
- ଇଜିପ୍ଟର ବିହିରାରେ ଥରେ ଜଣେ କୃଷକ ଜମି ଚାଷ କରୁଥିବା ବେଳେ, ଭୁଲରେ ଉଇଙ୍କର ଏକ ବାସସ୍ଥାନକୁ ଖୋଳି ପକାଇଲା । ସେଠାରେ ଥିଲେ କୋଟି କୋଟି ଉଇ । ବାସସ୍ଥାନ ନଷ୍ଟ ହେବାରୁ ସେମାନେ ବିହିରା ଅଭିମୁଖୀ ହେଇଥିଲେ । ସେମାନଙ୍କୁ ଆଉ କୌଣସି ପ୍ରକାରେ ଦମନ କରାଯାଇପାରିଲା ନାହିଁ । ପରିଣାମ ସ୍ୱରୂପ ବିହିରାବାସୀଙ୍କୁ ପୂରା ସହରଟିକୁ ଖାଲି କରିବାକୁ ପଡ଼ିଥିଲା ଉଇଙ୍କ ଉପଦ୍ରବରୁ ବର୍ତ୍ତିବା ପାଇଁ ।

–ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର ମୋ: ୯୯୩୭୧୭୨୮୧୦









## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ଗୋଟିଏ ବାଇକ୍ ଉପରେ ୫୮ ଜଣ




ପିଲାମାନେ ତୁମେ ସମସ୍ତେ ବାଇକ୍ ତ ନିଶ୍ଚୟ ଦେଖିଥିବ । ଖାଲି ଦେଖି ନ ଥିବ ବାଇକ୍ ଉପରେ ବସିଥିବ ମଧ୍ୟ । ଆଚ୍ଛା ଭାବିଲ, ଦେଖି ଗୋଟିଏ ବାଇକ୍ ଉପରେ ଅତି ବେଶିରେ କେତେଜଣ ବସିପାରିବେ, ତୁମେ ସବୁ ଭାବୁଥିବ କି ବାଇକ୍ ଉପରେ ଅତି ବେଶିରେ ୨–୩ ଜଣ ବସିପାରିବେ । କିନ୍ତୁ ଗୋଟିଏ ବାଇକ୍ ଉପରେ ୫୮ଜଣ ରହିପାରିବେ ଏକଥାକୁ କ'ଣ କେହି କେବେ ବିଶ୍ୱାସ କରିପାରେ ! କିନ୍ତୁ ଏହା ବି ସତ । ଗୋଟିଏ ମୋଟରସାଇକେଲ ଉପରେ ଏକ ସମୟରେ ୫୮ ଜଣ ଛିଡ଼ା ହୋଇ ଏବର୍ଷ ଗିନିଜ୍ ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି ।
ଭାରତୀୟ ସେନାର ୫୮ ଜଣ ଏଭଳି ଏକ ଷ୍ଟଣ୍ଟ ପ୍ରଦର୍ଶନ କରି ଗିନିଜ୍ ରେକର୍ଡ କରିପାରିଛନ୍ତି । ବେଙ୍ଗାଲୁରୁର ୟେଲହଙ୍କା ଆଇଏଏଫ୍ ବେସ୍‌ରେ ସେମାନେ ଏହି ପ୍ରଦର୍ଶନ କରିଥିଲେ । ଏହି ରେକର୍ଡ କରି ସେମାନେ ୨୦୧୭ ମସିହାରେ କର୍ନାଟକର ଏଏସ୍‌ସି ଟର୍ନାଡୋଜ୍ ମୋଟରସାଇକେଲ ଟିମ୍‌ର ରେକର୍ଡକୁ ଭାଙ୍ଗି ପାରିଛନ୍ତି ।


୧



୨


୩


୪




୫



୬


୭


୮



୯

୧୦

୧

**ସତ୍ୟଶ୍ରୀୟା ସ୍ୱାଇଁ**
କ୍ଲାସ୍-୬,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପାଟଣାଗଡ଼, ବଲାଙ୍ଗୀର

୨

**ଅନନ୍ୟା ରୂପାଲୀ ତ୍ରିପାଠୀ**
କ୍ଲାସ୍-୧,ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପାଲି, ମାଲକାନଗିରି

୩


**ଅଂଶୁମାନ ମହାପାତ୍ର**
କ୍ଲାସ୍-୬,ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆବଜାର, ଭଦ୍ରକ

୪

**ବିଶ୍ୱବନ୍ଦିତା ମହାପାତ୍ର**
କ୍ଲାସ୍-୧୦,ଶୁଦ୍ଧାନନ୍ଦ ବିଦ୍ୟାଳୟ, ନଚ୍ଛିପୁର, କଟକ

୫

**ପ୍ରିୟାଂଶୀ ଶୁଭଦର୍ଶିନୀ**
କ୍ଲାସ୍-୫,ସେଣ୍ଟ ଜାଭିୟର ହାଇସ୍କୁଲ, ବିଳାସପୁର, ତିର୍ତ୍ତୋଲ, ଜଗତ୍‌ସିଂହପୁର

୬

**ଆସ୍ତିକ ଅଭିଯାନ ମିଶ୍ର**
କ୍ଲାସ୍-୭,ମା' ମଙ୍ଗଳା ଇଂରାଜୀ ମିଡିୟମ୍ ସ୍କୁଲ୍, ପିପିଲି, ପୁରୀ

୭

**ସୁଭଦ୍ରା ବେହେରା**
କ୍ଲାସ୍-୬,ନବଦିଗନ୍ତ ତପୋବନ ବିଦ୍ୟାଳୟ, ହୀରାପୁର, ବାଲକାଟୀ, ଖୋର୍ଦ୍ଧା

୮

**ପୃଥ୍ୱିରାଜ ପାତ୍ର**
କ୍ଲାସ୍-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସାନବଜାର, ଜଗତ୍‌ସିଂହପୁର

୯

**ପି.ସି. ବାଦଲ କୁମାର**
କ୍ଲାସ୍-୪,ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ ସ୍କୁଲ, ଯାଜପୁର

୧୦

**ନିତ୍ୟାଶା ପାଣିଗ୍ରାହୀ**
କ୍ଲାସ୍-୫, ବିଜେଇଏମ୍‌ସ୍କୁଲ, ବିଜେବି ନଗର, ଭୁବନେଶ୍ୱର

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ବିଶ୍ୱକଲ୍ୟାଣ କାରିଣୀ ।
ବିଶ୍ୱ କରତାଙ୍କୁ କୋଳେ ଧରିଛୁ ଯେଣୁ
ତେଣୁ ବିଶ୍ୱ ବନ୍ଦନୀୟା ସନ୍ତାନେ କରୁ ସୁଦୟା ।
ଦେଇ ତୋର ସୁଧାମୟ ଚରଣରେଣୁ ।
ଘେନି ମା' ତୋର ଆଶିଷ
ଗାଉ ତୋର ଯଶ ହୋଇ ଉଲାସ ।
ଭାଇ ଭଗିନୀ ଘେନି ସଙ୍ଗେ ଜଗନ୍ନାଥ କର ଅଙ୍ଗେ
ଲୀଳା କରୁଛନ୍ତି ବସି ରତ୍ନାସନେ ।
କ୍ଷୀରାବ୍ଧି ତନୟା ସହ ତୋ କୋଳରେ ଦେବରାୟ
ବିଜେ କରିଛନ୍ତି ଭିନ୍ନ ଜନ ରକ୍ଷଣେ ।
ଧନ୍ୟ ତେଣୁ ଭାରତବର୍ଷ ତା' ମଧ୍ୟେ ଉତ୍କଳ ଅଟେ
ପବିତ୍ର ଦେଶ ।
ଜାହ୍ନବୀ ଜଳ ପରଶେ ଅଙ୍ଗୁ ପାପ ତାପ ନାଶେ
ଜାହ୍ନବୀ ଯାହାଙ୍କ ପାଦେ ହୋଇଲେ ଜାତ
ପୁତ୍ର ପ୍ରାୟେ ତାଙ୍କୁ ତୁହି ଧରିଅଛୁ ସ୍ନେହବହି
ତାଙ୍କ ଲାଗି ମା' ଗୋ ତୁହି ଦେଶେ ପୂଜିତ ।
ଜୟ ଜୟ ଉତ୍କଳ ମାତ
ତୋ କୋଳେ ଜନନୀ ଆମେ ହେଉ ଗର୍ବିତ ।

**–ସତ୍ୟବତୀ ଦାସ**, ଚୌଦ୍ୱାର, କଟକ




## ଆସିଛି ଏପ୍ରିଲ ପହିଲା

ଆସିଛି ଏପ୍ରିଲ ପହିଲା
ସ୍ୱତନ୍ତ୍ର ଓଡ଼ିଶା ପରବକୁ ନେଇ
କରିବାକୁ ତା'ର ବନ୍ଦନା
ଆସିଛି ଏପ୍ରିଲ ପହିଲା ।
ଏଇ ଯେ ଉତ୍କଳ ଭୂଇଁ
ଗାଇବା, ନାଚିବା କହି କହି
ଆମ ମାଟି ମା' ଆଉ ମାତୃଭାଷା
ଭାରି ବଢ଼ିଆ
ଆସିଛି ଏପ୍ରିଲ ପହିଲା ।
ଆମରି ଗରବ ଗୋପବନ୍ଧୁ ,ମଧୁସୂଦନ
ଗୌରୀଶଙ୍କର,ଫକୀରମୋହନ
ପଞ୍ଚସଖା ସଙ୍ଗେ,ଉପେନ୍ଦ୍ରଭଞ୍ଜ
ବଳଦେବ,ରାଧାନାଥ ,ଗଙ୍ଗାଧର
କେତେକେତେ ରାଜା ମହାରାଜା ପରା
ଭାଷା ପୀରତିରେ ବନ୍ଧାଥିଲେ ଦିନେ
କରିବାକୁ ମାଟି ବନ୍ଦନା
ଆସିଛି ଏପ୍ରିଲ ପହିଲା ।
ଶାସ୍ତ୍ରୀୟ ମାନ୍ୟତା ପାଇଛୁ ଆମେରେ
ଗରବର ଧ୍ୱଜା ଉଡ଼ାଇ କହିବା
ଆମେ ଓଡ଼ିଆ ଆମେ ଓଡ଼ିଆ
ଆମ ଭାଷା ଭାରି ବଢ଼ିଆ
ଆସିଛି ଏପ୍ରିଲ ପହିଲା ।

**–ବିମଳା ସିଂହ**, ସମ୍ପାଦିକା, 'ଗୋଧୂଳି',
ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର

କବିତା

## ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି



କିଏ ଗଢ଼ିଥିଲେ ଆମର
ଏ ସ୍ୱତନ୍ତ୍ର ଓଡ଼ିଶା,
କାନ୍ଦିଥିଲେ କିଏ ନିରେଖି
ଓଡ଼ିଆଙ୍କ ଦୁର୍ଦ୍ଦଶା ।

କାହାପାଇଁ ଆମେ ପାଇଛେ
ଆମର ପରିଚୟ,
ଇତିହାସେ ଯୋଡ଼ିଥିଲେ କେ
ଏକ ନୂଆ ଅଧ୍ୟାୟ ।

ଜାତିପ୍ରୀତି ରବି ଉଦୟ
ପାଇଁ ମନ ଆକାଶେ,
ଗଢ଼ିଥିଲେ କିଏ ଉତ୍କଳ
ସମ୍ମିଳନୀ ଏ ଦେଶେ ।

ରାଇଜେ ଶିଳ୍ପର ବିକାଶ
ଦୂର ପାଇଁ ବେକାରି,
ଗଢ଼ିଥିଲେ ନିଜ ଚେଷ୍ଟାରେ
ଉତ୍କଳ ଟ୍ୟାନେରୀ ।

ରଚି କାଳଜୟୀ କବିତା
ଜାତି ମଉଡ଼ମଣି,
ଜାଳିଥିଲେ ସବୁ ପରାଣେ
ଦେଶ ପ୍ରେମର ବହ୍ନି ।

ଦେଖି ପାରିବେନି ତାଙ୍କର
ସପନର ଓଡ଼ିଶା,
ଜୀବନ ପାଣିର ଫୋଟକା
ତାକୁ କିବା ଭରସା ।

ସେ ପରା ଉତ୍କଳ ଗୌରବ
ଓଡ଼ିଆ ତ୍ରାଣକର୍ତ୍ତା,
ସେ ନ ଥିଲେ ଆଜି ନ ଥାନ୍ତା
ଆମ ଓଡ଼ିଶା ସତ୍ତା ।

ହେ ମୋ ପ୍ରିୟ ଭାଇଭଉଣୀ
ସର୍ବେ ଆସରେ ଆସ,
ଶ୍ରଦ୍ଧା ସହ ଆମେ ପାଳିବା
ତାଙ୍କ ନୀତି ଆଦର୍ଶ ।

ଫୁଟାଇଲେ ମିଶି ସଭିଙ୍କ
ମୁହଁରେ ଆମେ ହସ,
ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ପାଇବେ
ସ୍ୱାଭିମାନୀ ପୁରୁଷ ।

**–ରାଜକିଶୋର ସ୍ୱାଇଁ**

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧୀକ୍ଷକ,
ନୂଆପଡ଼ା, ନୂଆବଜାର, କଟକ
ମୋ : ୯୪୩୭୪୪୨୦୪୧




## ତୁମ ପଢ଼ିବା ପାଇଁ

### ଟିକି ଚଢ଼େଇ

କବିତା ସଙ୍କଳନ 'ଟିକି ଚଢ଼େଇ'ରେ ଝମକ ଝାଇଁ , ମୋ ଗାଁ ଜହ୍ନ, ପୁଷି ବିଲେଇ, ସଭିଏଁ ଭଉଣୀ ଭାଇ, ଫୁଲଟିଏ ମୁଁ ଫୁଲଟିଏ, ପାଟିକୁ ମିଠା ଚିନି ମିଶିରି, ବରଷା ଆସେ ପରି ରହିଛି କେତୋଟି ଶିକ୍ଷଣୀୟ କବିତା । ସନ୍ତୋଷ କୁମାର ରଥଙ୍କ ରଚିତ ଏହି ସଙ୍କଳନର ମୂଲ୍ୟ ୩୦ଟଙ୍କା । ଯୋଗାଯୋଗ:–
ଅରୋମୀରା କୁଟୀର, ଶୁଣ୍ଠିମୁଣ୍ଡା,
ରେଢ଼ାଖୋଲ, ସମ୍ବଲପୁର ।


## ଆରଥରର ଉତ୍ତର

- ସର୍ଦ୍ଦାର ବଲ୍ଲଭଭାଇ ପଟେଲ
- କେଶ
- ଖ୍ରୀଷ୍ଟଫର କଲମ୍ବସ
- ଆନୋମିଟର
- ଓଟପକ୍ଷୀ

## ଏଥରର ପ୍ରଶ୍ନ

- ଅତୀତରେ ଓଡ଼ିଶାର ନାଁ କ'ଣ ଥିଲା ?
- ଓଡ଼ିଶା କେବେ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା ?
- ଓଡ଼ିଶାର କେଉଁ ମହାପୁରୁଷଙ୍କୁ କୁଳବୃଦ୍ଧ ଏବଂ ଉତ୍କଳ ଗୌରବ କୁହାଯାଏ ?
- ଓଡ଼ିଶାର ପ୍ରଥମ ଓଡ଼ିଆ ବିଧାୟକ, ପ୍ରଥମ ଓକିଲ ଓ ପ୍ରଥମ ବିଲାତ ଯାତ୍ରୀ କିଏ ?
- ପ୍ରଥମେ ଗଠନ ହେବା ସମୟରେ ଓଡ଼ିଶାର କେତୋଟି ଜିଲା ଥିଲା ଓ ଏହାର ନାଁ କ'ଣ ଥିଲା ?

## ପାର୍ଥକ୍ୟ ଦର୍ଶାଅ



# ଜଣା ଅଜଣା



ପୃଥିବୀ ପୃଷ୍ଠରେ ସବୁଠୁ ଅଧିକ ଦିନ ବଞ୍ଚି ରହୁଥିବା ଜୀବ ହେଉଛି କଇଁଛ । ଏହି ଜୀବ ୨୦୦ରୁ ଉର୍ଦ୍ଧ୍ୱ ବର୍ଷ ବଞ୍ଚି ରହିଥାନ୍ତି । ଏବେ ପୃଥିବୀରେ ମୋଟ ୩୦୦ରୁ ଅଧିକ  ପ୍ରକାରର କଇଁଛ ଅଛନ୍ତି । ହୁଏତ ଏକଥା ଅନେକଙ୍କୁ ଜଣା ନ ଥିବ ଯେ କଇଁଛର ଦାନ୍ତ ନ ଥାଏ ।




ଯଦି ଜଣେ ସୁସ୍ଥ ମଣିଷ ଦିନକୁ ପ୍ରାୟ ଆଠ ଘଣ୍ଟା ଶୁଅନ୍ତି  ତେବେ ତାଙ୍କର ବର୍ଷକୁ ଶୋଇବା ସମୟ ପ୍ରାୟ ଚାରି ମାସ ।



ବିଶ୍ୱର ସବୁଠୁ ବଡ଼ ପକ୍ଷୀ ହେଉଛି ଓଟପକ୍ଷୀ । ଆଶ୍ଚର୍ଯ୍ୟର କଥା ଓଟପକ୍ଷୀର ଆଖି ତା' ମସ୍ତିଷ୍କ ତୁଳନାରେ ବଡ଼ ।



ସାଧାରଣ ମଣିଷର ହୃଦ୍ ସ୍ପନ୍ଦନ ୧ମିନିଟ୍‌ରେ ୭୨ ଥର ହେଉଥିବାବେଳେ ଏତିକି ସମୟ ମଧ୍ୟରେ ଝିଟିପିଟିର ହୃଦ୍ ସ୍ପନ୍ଦନ ୧୦୦୦ ଥର ହୋଇଥାଏ ।



ଡଲଫିନ୍ ୫ ରୁ ୮ ମିନିଟ୍ ପର୍ଯ୍ୟନ୍ତ ନିଃଶ୍ୱାସ ବନ୍ଦ କରି ରହିପାରେ । ଏପରି କି ଏହି ଜୀବ ଗୋଟିଏ ଆଖି ଖୋଲା କରି ଶୋଇପାରେ ।

# ଆ ଇ ନା



ସୁହାନୀ
୬ ବର୍ଷ



ଭିଭାନ୍
୫ ବର୍ଷ

ପରୀ
୭ ବର୍ଷ

